# ମୋବାଇଲ ଟାୱାର ନିର୍ମାଣ ଏମ୍‌ପିଙ୍କର ନୁହେଁ, କେନ୍ଦ୍ର ସରକାରଙ୍କ ଅବଦାନ

## ଭାଜପା ଏମ୍‌ପି ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ

ରାୟଗଡ଼ା,୨୮।୪(ଆଶିଷ ରଞ୍ଜନ ପଣ୍ଡା)

କୋରାପୁଟ ଲୋକ ସଭା କ୍ଷେତ୍ର ଅଧୀନରେ ଭାଜପା ପକ୍ଷରୁ ରାୟଗଡ଼ାସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ କାଳିରାମ ମାଝି ବିଜେଡି ଶାସିତ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ବର୍ଷିଥିଲେ । ଏଥିସହିତ ଆଗାମୀ ନିର୍ବାଚନରେ ବିପୁଳ ପରିମାଣର ଭୋଟ ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଗଠନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଗ୍ରାମାଞ୍ଚଳରେ ମୋବାଇଲ ସୁବିଧା ପାଇଁ ରାୟଗଡ଼ା ଓ କୋରାପୁଟ ଜିଲାରେ ମୋବାଇଲ ଟାୱାର କରିବା ଶ୍ରେୟ ଶନିବାର ଖବରଦାତା ସମ୍ମିଳନୀରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ନେଇଥିବାବେଳେ କାଳିରାମ ଏହାକୁ ଖଣ୍ଡନ କରି ଅଞ୍ଚଳର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଏହି ପଦକ୍ଷେପ ନେଇଥିବା କହିଛନ୍ତି । ଦୁର୍ଗମ ଉପାନ୍ତ ଅଞ୍ଚଳର ଲୋକେ କିଭଳି ସମସ୍ତଙ୍କ ସହିତ ଯୋଡ଼ି ହୋଇପାରିବା ସହିତ ସମସ୍ତ ଯୋଜନାରେ ଲାଭାନ୍ୱିତ ହୋଇପାରିବେ, ପିଲାମାନେ କିଭଳି ପାଠପଢ଼ାର ଆଧୁନିକ ଶୈଳୀ ଦ୍ୱାରା ଶିକ୍ଷା ଲାଭ କରିପାରିବେ ସେଥିପାଇଁ କେନ୍ଦ୍ର ସରକାର ଅବିଭକ୍ତ କୋରାପୁଟ ଜିଲାରେ ୧୩୫୦କୋଟି ଟଙ୍କା ବିନିମୟରେ ୧୪୮୨ଟି ମୋବାଇଲ ଟାୱାର ପାଇଁ ଅନୁମୋଦନ ଦେଇଛନ୍ତି । ଆଗାମୀ ଦିନରେ ଓଡ଼ିଶାରେ ସରକାର ଗଠନ ପରେ ଭାଜପା ପକ୍ଷରୁ ଆହୁରି ବିଭିନ୍ନ କେନ୍ଦ୍ରୀୟ ଯୋଜନା ଲାଗୁ କରାଯିବ ବୋଲି କହିଥିଲେ କାଳିରାମ । ଅନ୍ୟପଟେ ବିଜେଡିର ଅପାରଗତା ଯୋଗୁ ଓଡ଼ିଶା ଆଜି ବି ବିକାଶଠାରୁ ବହୁ ଦୂରରେ ରହିଛି ବୋଲି କହିଥିଲେ । ବିଜେଡି ସରକାରର ଅପାରଗତାକୁ ନେଇ ଭାଜପା ଏକ ଚାର୍ଜଶିଟ୍ ପ୍ରସ୍ତୁତ କରି ୨୫ବର୍ଷର ସରକାରକୁ ୨୫ଟି ପ୍ରଶ୍ନ ପଚାରିଛି ଭାଜପା । ବିଭିନ୍ନ ମହାବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ ୪୩୦୦ ଅଧ୍ୟାପକ ପଦବୀ ଖାଲି ପଡ଼ିବା, ୬୧୨୪ଗାଁକୁ ରାସ୍ତା ନ ଥିବା, ରାଜ୍ୟରେ ଆତ୍ମହତ୍ୟା ବଢ଼ିବା, ଚିଟଫଣ୍ଡ ଟଙ୍କା ଲୋକଙ୍କୁ ଫେରସ୍ତ ନ ହେବା ଆଦି ଉପରେ ଆଲୋକପାତ କରିଛି ଭାଜପା । ଆଗାମୀ ନିର୍ବାଚନରେ ଭାଜପା ଜିତିଲେ ଅଞ୍ଚଳର ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମନ୍ତ୍ରୀ ହେବା ପରେ ୨୦୧୯ରେ ରାୟଗଡ଼ା ଆସିବା ସମୟରେ ରେଳ ଡିଭିଜନ ନେଇ ଦେଇଥିବା ପ୍ରତିଶ୍ରୁତିରେ ବିଳମ୍ବ ହେଉଥିବା ନେଇ ପଚାରିବାରୁ ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ଆଗାମୀ ଦିନରେ ଏହା ଖୁବ୍‌ଶୀଘ୍ର ହୋଇଯିବ ବୋଲି କହିଛନ୍ତି କାଳିରାମ ମାଝି । କାଳିରାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ଲୋକ ସଭା କ୍ଷେତ୍ର ପ୍ରଭାରୀ ଗୋବିନ୍ଦ ଜୈନ, ରାୟଗଡ଼ା ଜିଲା ସଭାପତି ଶିବ ପଟ୍ଟନାୟକ, ଉପସଭାପତି କେ.ଅଶ୍ୱିନୀ, ଭାଜପା ଯୁବ ମୋର୍ଚ୍ଚା ସଭାପତି ଉମେଶ ଖୋସଲା, କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନ, ପଟାଙ୍ଗି ବିଧାୟକ ପ୍ରାର୍ଥୀ ନନ୍ଦିବଲି ଚୈତନ୍ୟ, କୋରାପୁଟ ବିଧାୟକ ପ୍ରାର୍ଥୀ ରଘୁରାମ ମାଛ, କୋରାପୁଟ ଲୋକ ସଭା ସୋସିଆଲ ମିଡ଼ିଆ ସଂଯୋଜକ ଚିତ୍ତରଞ୍ଜନ ନାୟକ, ସୋସିଆଲ ମିଡ଼ିଆ ସଂଯୋଜକ ମହେଶ୍ୱର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଭାଜପାର କୋରାପୁଟ ଲୋକ ସଭା ପ୍ରାର୍ଥୀ କାଳିରାମ ମାଝି, ପ୍ରଭାରୀ ଗୋବିନ୍ଦ ଜୈନ, ରାୟଗଡ଼ା ଜିଲା ସଭାପତି ଶିବ ପଟ୍ଟନାୟକ ଓ ଅନ୍ୟମାନେ ।

# ଓଡ଼ିଆ ସ୍ୱାଭିମାନର ପ୍ରତିଛବି ମଧୁବାବୁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ମୁନିଗୁଡ଼ା,୨୮।୪ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ାର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ମୁନିଗୁଡା ପ୍ରେସ କ୍ଲବ ଓ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ମିଳିତ ଆୟୋଜନରେ ମଧୁବାବୁଙ୍କ ଜୟନ୍ତୀକୁ ସ୍ୱାଭିମାନ ଦିବସ ଭାବେ ପାଳନ କରାଯାଇଛି । ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ହରେନ୍ଦ୍ର ଜେନାଙ୍କ ସଭାପତିତ୍ୱ ଏବଂ ଗୁରୁମା ବସୁମତୀ ବେହେରାଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରେସ କ୍ଲବର ଉପସଭାପତି ମନୋରଞ୍ଜନ ଦଳାଇ, ସମ୍ମାନିତ ଅତିଥି ଭାବେ ଭାରତୀୟ ମଜଦୁର ସଂଘ ବ୍ଲକ ସଭାପତି କ୍ଷମାସାଗର ଦାସ, ଖବରଦାତା ଲାଡୀଶଙ୍କର ରାଓ, ଧନୁ କୁଶୁଲିଆ ଓ ଶିକ୍ଷକ ଗଣେଶ ପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ତୈଳ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପରେ ମଧୁବାବୁ ଓଡ଼ିଆ ଭାଷା, ସଂସ୍କୃତି, ସ୍ୱାଭିମାନ ରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଏଥିସହ ବିଶ୍ୱ ମାନଚିତ୍ରରେ ଓଡ଼ିଆ ଶିଳ୍ପ କାରିଗରି ଓ ସ୍ୱାଭିମାନର ପ୍ରତିବିମ୍ବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜାତି ପ୍ରାଣ ମଧୁବାବୁଙ୍କ କାଳଜୟୀ କୃତି, ଜାତୀୟତା, ସ୍ୱାଧୀନତା ସଂଗ୍ରାମରେ ଯୋଗ ଏବଂ ଅନନ୍ୟ ପ୍ରତିଭାକୁ ଉଜାଗର କରିଥିଲେ । ଶେଷରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବରିଷ୍ଠ ଗୁରୁଜୀ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଓ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ଥିଲେ ।

# ଚଞ୍ଚକତା କରି ବ୍ୟବସାୟୀଙ୍କ ୨୩ ଲକ୍ଷ ଠକେଇ

## ବାଲେଶ୍ୱରରୁ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୨୮।୪(ସୁବାସ ଚନ୍ଦ୍ର ପାଢ଼ୀ):

ଚଞ୍ଚକତା କରି ବ୍ୟବସାୟୀ ମନୋଜ କୁମାର ସାହୁଙ୍କ ଆକାଉଣ୍ଟରୁ ୨୩ଲକ୍ଷରୁ ଅଧିକ ଟଙ୍କା ଠକେଇ ହୋଇଥିଲା । ଠକେଇର ଶିକାର ହୋଇଥିବା ବ୍ୟବସାୟୀ ମନୋଜ ଏନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଉକ୍ତ ଠକ ଗ୍ୟାଙ୍ଗର ଅଭିଯୁକ୍ତଙ୍କୁ ବାଲେଶ୍ୱର ଜିଲା ସିମୁଳିଆରୁ ଅନିଲ କୁମାର ଦାସ (୨୮)ଙ୍କୁ ରବିବାର ଗିରଫ କରିଛି । ତାଙ୍କ ନିକଟରୁ ଏକ ମୋବାଇଲ ଜବତ କରିଛି । ଏହି ଠକ ଗ୍ୟାଙ୍ଗର ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି । ବୈଦ୍ୟନାଥପୁର ଥାନା ଚାଞ୍ଚଡ଼ାପଡ଼ିଆର ବିଶ୍ୱନାଥ ନଗରରେ ରହୁଥିବା ମନୋଜ ସାହୁଙ୍କୁ ୪ମାସ ତଳେ ଜଣେ ଯୁବକ ଭେଟିଥିଲେ । ବ୍ୟାଙ୍କରୁ ଟଙ୍କା ଋଣ କରାଇଦେବେ ବୋଲି କହି ତାଙ୍କ ଠାରୁ ଜିଏସଟି ନମ୍ବର, ପାନ କାର୍ଡ, ଆଧାର କାର୍ଡ, ଇଲେକ୍ଟ୍ରିକ ବିଲ ନେଇଥିଲେ । ଗତ ୨୦୨୩ ଡିସେମ୍ବରରେ ଯୁବକ ଜଣଙ୍କ ମନୋଜଙ୍କୁ ବ୍ୟାଙ୍କ ଋଣ ମଞ୍ଜୁର ହୋଇଯାଇଥିବା ଜଣାଇଥିଲେ । ୨୦୨୩ ଡିସେମ୍ବର ୬ରୁ ୧୧ ତାରିଖ ମଧ୍ୟରେ ୪ ପର୍ଯ୍ୟାୟରେ ଆଦିତ୍ୟ ବିର୍ଲା ଫାଇନାନ୍ସରୁ ୨୩ ଲକ୍ଷ ୩୬୭୦ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା । ପରେ ଡିସେମ୍ବର ୧୭ରେ ସମ୍ପୃକ୍ତ ଯୁବକ ଜଣଙ୍କ ମନୋଜଙ୍କୁ ଭେଟିଥିଲେ । ଉକ୍ତ ଫାଇନାନ୍ସ ସଂସ୍ଥା ଅଧିକ ସୁଧ ନେବ ଏଣୁ କମ ସୁଧ ନେବା ସଂସ୍ଥାରୁ ଆମେ ଲୋନ ଆଣିବା । ଏଥିରେ ମନୋଜ ରାଜି ହୋଇଯାଇଥିଲେ । ପରେ ଯୁବକ ଜଣଙ୍କ ବ୍ୟବସାୟୀଙ୍କ ମୋବାଇଲରୁ ଚଞ୍ଚକତା କରି ଋଣ ଦେଇଥିବା ଆଦିତ୍ୟ ବିର୍ଲାକୁ ଉକ୍ତ ଟଙ୍କା ପଠାଇବା ବଦଳରେ ବେନାମୀ ସଂସ୍ଥାକୁ ପ୍ରଥମେ ୧ଟଙ୍କା ପଠାଇଥିଲେ । ଦିନକ ପରେ ବ୍ୟବସାୟୀଙ୍କ ଆକାଉଣ୍ଟରୁ ୨୩ ଲକ୍ଷ ୩୬୬୮ ଟଙ୍କା ବେନାମୀ ସଂସ୍ଥା ଆକାଉଣ୍ଟକୁ ଚାଲିଯାଇଥିଲା । ପରେ ଉକ୍ତ ଯୁବକ ଜଣଙ୍କ ସହ ସେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନଥିଲା । ଫଳରେ ସେ ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ ।

# ମଧୁବାବୁଙ୍କ ଜୟନ୍ତୀ ପାଳିତ

ରାୟଗଡ଼ା,୨୮।୪(ଆଶିଷ ରଞ୍ଜନ ପଣ୍ଡା)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜନ୍ମ ଦିବସ ସ୍ଥାନୀୟ ଯୁଜିଏମଆଇଟି କଲେଜରେ ପାଳିତ ହୋଇଯାଇଛି । ସେଠାରେ ସ୍ଥାପିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ଅଧ୍ୟକ୍ଷ ନାରାୟଣ ପଟେଲ, ଜିଲା ଶିଳ୍ପ କେନ୍ଦ୍ରର ବରିଷ୍ଠ ପ୍ରଶାସକ ତଥା ପୂର୍ବତନ ଛାତ୍ର ସବ୍ୟସାଚୀ ସାହୁ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଏବଂ ଅନୁଷ୍ଠାନରେ ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକାବୃନ୍ଦ, ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ପ୍ରସଙ୍ଗରେ ଅଧ୍ୟକ୍ଷ ପଟେଲ, ବରିଷ୍ଠ ଅଧ୍ୟାପକ ଅରବିନ୍ଦ ପ୍ରଧାନ, ଅଧ୍ୟାପକ ପ୍ରଦୀପ କୁମାର ତ୍ରିପାଠୀ, ମାନସ ରଞ୍ଜନ ପ୍ରଧାନ, ସତ୍ୟ ନାରାୟଣ ପାଣିଗ୍ରାହୀ, ପୂର୍ବତନ ଛାତ୍ର ସାହୁ ଏବଂ କତିପୟ ଅଧ୍ୟାପକ ସ୍ୱର୍ଗତ ମଧୁସୂଦନ ଦାସଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମିତ୍ତ ମହାନ ତ୍ୟାଗ ଓ ବଳିଦାନର ବଳିଷ୍ଠ କାହାଣୀ ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ ।



ଯୁଜିଏମଆଇଟି କଲେଜରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିଙ୍କ ନିକଟରେ ଉପସ୍ଥିତ ଅତିଥି ।

# ବଜ୍ରପାତରେ ବୃଦ୍ଧା ଆହତ

ଧରାକୋଟ, ୨୮।୪
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ କାଠଗଡା ଗ୍ରାମର ଜଣେ ବୃଦ୍ଧା ବଜ୍ରପାତରେ ଆହତ ହୋଇଛନ୍ତି । ସେ ହେଲେ ଘନ ନାୟକଙ୍କ ସ୍ତ୍ରୀ ତୁଳସା ନାୟକ । ରବିବାର ଅପରାହ୍ନରେ ତୁଳସା ନିକଟସ୍ଥ ତୋଟାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିବା ବେଳେ ହଠାତ୍ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ହୋଇଥିଲା । ବଜ୍ରପାତରେ ତାଙ୍କ ଶରୀରର କିଛି ଅଂଶ ଶିଝି ଯାଇଥିଲା । ସେ ତଳେ ପଡ଼ିଯାଇ ଚିତ୍କାର କରିବାରୁ ଗ୍ରାମବାସୀ ପହଞ୍ଚିଥିଲେ । ଆମ୍ବୁଲାନ୍ସରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ।

# ଗୁଣପୁର ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ



ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଜଜ୍ ଏବଂ ଆଇନଜୀବୀ ।

ଗୁଣୁପୁର,୨୮।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଓକିଲ ଦିବସ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଗୁଣପୁର କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହା ପରେ ଏକ ବୈଠକ ଆୟୋଜନ କରାଯାଇଥିଲା ।ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ଶେଖ ମହମ୍ମଦ କ୍ୱାଇସି ଯୋଗଦେଇ ମଧୁବାବୁଙ୍କ କୁଟିରେ ଶିଳ୍ପ ତଥା ତାଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ସବ ଜଜ୍ ସନ୍ତୋଷ କୁମାର ମହାପାତ୍ର ଓ ଏସ୍‌ଡିଜେଏମ ସାନ୍ତଶ୍ରୀ ମହାନ୍ତି ମଞ୍ଚାସୀନ ଥିଲେ । ସଂଘର ସଭାପତି ଦେବୀ ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାକୁ ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ସଂଯୋଜନା କରିଥିବା ବେଳେ ଗଣେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସଂଘର ବରିଷ୍ଠ ଓ କନିଷ୍ଠ ଓକିଲମାନେ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନୀ ବିଷୟରେ ସ୍ମୃତି ଚାରଣ କରିଥିଲେ ।

# ୫୦ କେଜି ଗଞ୍ଜେଇ ଜବତ, ୮ ଗିରଫ

ରାୟଗଡ଼ା,୨୮।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଷ୍ଟେଶନ ନିକଟରୁ ରେଲୱେ ପୋଲିସ ଏବଂ ରାୟଗଡ଼ା ଟାଉନ ଥାନା ପୋଲିସ ପକ୍ଷରୁ ପୃଥକ ଭାବେ ଦୁଇଟି ସ୍ଥାନରୁ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି । ରେଳ ଷ୍ଟେଶନର ୫ନଂ ପ୍ଲାଟଫର୍ମ ଏବଂ ରାୟଗଡ଼ା ପୋଲିସ ପକ୍ଷରୁ ରେଳ ଷ୍ଟେସନ ନିକଟସ୍ଥ ଆଇ ଲଭ୍ ରାୟଗଡ଼ା ନିକଟରୁ ଗଞ୍ଜେଇ ଜବତ ହୋଇଛି । ୨ ପୃଥକ ମାମଲାରେ ପୋଲିସ ୮ ଜଣଙ୍କୁ ଗିରଫ କରିଛି ।

ରେଲୱେ ପୋଲିସ ରବିବାର ଛାନ୍‌ବିନ୍ ବେଳେ ୫ନଂ ପ୍ଲାଟଫର୍ମରେ ୩ ଜଣ ଯୁବକଙ୍କୁ ପଚରାଉଚୁରା କରିବା ବେଳେ ସନ୍ଦେହ ଉପୁଜିବାରୁ ସେମାନଙ୍କ ବ୍ୟାଗ ଯାଞ୍ଚ କରିଥିଲା । ସେମାନଙ୍କ ବ୍ୟାଗରୁ ଗଞ୍ଜେଇ ବାହାରିବାରୁ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ହରିଆଣା ପାନିପତ ଜିଲା କାଶ୍ୟପ ନଗରର ଅରିଫ୍, ବିଦ୍ୟାନନ୍ଦ କଲୋନୀର ଏମଡି.ମୋନିଶ ଏବଂ କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ଖଣ୍ଡାଗୁଡ଼ା ଗ୍ରାମର ହେମନ୍ତ ଖରା । ସେମାନଙ୍କ ଠାରୁ ପ୍ରାୟ ୨୯.୩କେଜି ଗଞ୍ଜେଇ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ୯୩ହଜାର ଟଙ୍କା ହେବ ବୋଲି ରେଲୱେ ପୋଲିସ ପକ୍ଷରୁ ଜଣାପଡ଼ିଛି । ଉକ୍ତ ୩ଜଣଙ୍କ ନାମରେ ଜିଆରପି ଥାନାରେ ଏନଡିପିଏସ୍ ଆକ୍ଟରେ ୩୦/୨୪ରେ ମାମଲା ରୁଜୁ କରାଯାଇଛି ।

ସେହିଭଳି ରାୟଗଡ଼ା ଟାଉନ ଥାନା ପକ୍ଷରୁ ରେଳ ଷ୍ଟେସନ ନିକଟରେ ୨ ଯୁବତୀ ଓ ୩ ଯୁବକଙ୍କୁ ଗିରଫ କରିଛି ପୋଲିସ । ସେମାନଙ୍କ ନିକଟରୁ ୨୦.୮କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ୮ହଜାର ଟଙ୍କା ହେବ । ଗିରଫ ୫ଜଣ ହେଲେ ମହାରାଷ୍ଟ୍ରର ଶିବତେଜ ଠାକରେ, ବିଷମକଟକ ଥାନା ବରିଗୁଡ଼ା ଗ୍ରାମର ହରେଶ କୌଶଲ୍ୟା ଓ ରୁଜି ହିଆଲ, ଗୁଡ଼ାରି ଥାନାର ସର୍ଗିଗୁଡ଼ା ଗ୍ରାମର ରାଜୁ ପାଣି ଓ ଲିଲି ପାଣି । ନିର୍ବାଚନ ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ପୋଲିସ ଏହି ଗଞ୍ଜେଇ ଜବତ କରିଛି । ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁରଙ୍କ ନେତୃତ୍ୱରେ ଏସ୍‌ଆଇ ସଞ୍ଜୟ ଛତର ଓ ଅନ୍ୟ ପୋଲିସ ଅଧିକାରୀମାନେ ଏହି ଗଞ୍ଜେଇ ଜବତ କରିଥିଲେ ।







ରେଲୱେ ପୋଲିସ ଏବଂ ରାୟଗଡ଼ା ଟାଉନ୍‌ଥାନା ପକ୍ଷରୁ ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

# ଉମରକୋଟର ମହେନ୍ଦ୍ରଙ୍କୁ ବ୍ରୋଞ୍ଜ ମେଡାଲ

## ଏସିଆନ ଜୁନିୟର ଆଥଲେଟିକ୍ ପ୍ରତିଯୋଗିତା

ଉମରକୋଟ,୨୮।୪ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ବହୁ କ୍ରୀଡ଼ାବିତ୍ ଆନ୍ତର୍ଜାତିକସ୍ତରରେ ପଦକ ହାସଲ କରି ଉମରକୋଟର ସୁନାମ ବୃଦ୍ଧି କରିବାରେ ଲାଗିଛନ୍ତି । ଉମରକୋଟ ବ୍ଲକ ଅନ୍ତର୍ଗତ କୋପେନା ଗ୍ରାମର ମହେନ୍ଦ୍ର ସାନ୍ତା ଦୁବାଇଠାରେ ଅନୁଷ୍ଠିତ ହୋଇଥିବା ଏସିଆନ ଜୁନିୟର ଆଥଲେଟିକ ଚାମ୍ପିୟନ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧି କରି ୪X୧୦୦ ପୁରୁଷ ରିଲେରେ ରେକର୍ଡ ବ୍ରେକିଂ ସମୟ ୪୦.୦୧ ସେକେଣ୍ଡରେ ଅତିକ୍ରମ କରି ରେକର୍ଡ ସୃଷ୍ଟି କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏଥିପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ମହେନ୍ଦ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ମହେନ୍ଦ୍ର ଭୁବନେଶ୍ୱର କିସ୍ ମହାବିଦ୍ୟାଳୟରେ ବିଏ ପଢୁଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ଥିବା ରିଲାଏନ୍ସ ଫାଉଣ୍ଡେଶନରେ ତାଲିମ ନେଉଛନ୍ତି । ମହେନ୍ଦ୍ର କରୋନା ସମୟରେ ଉମରକୋଟଠାରେ ଥିବା ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ କୋଚିଂ ନେଉଥିଲେ । ଆଗାମୀ ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରି ପଦକ ହାସଲ କରିବା ମୋର ଜୀବନର ଲକ୍ଷ୍ୟ ବୋଲି କୁହନ୍ତି ଆନ୍ତର୍ଜାତିକ କ୍ରୀଡ଼ାବିତ୍ ମହେନ୍ଦ୍ର ସାନ୍ତା ।

# ନାଇରାକୁ ହରାଇ ସର୍ଗିଗୁଡ଼ା ଚାମ୍ପିୟନ

## ମାଣିକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଚନ୍ଦ୍ରପୁର, ୨୮।୪ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ାଠାରେ ରବିବାର ମାଣିକେଶ୍ୱରୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ପ୍ରଥମେ ଗୁଡାରି ବ୍ଲକର ନାଇରା ଟିମ୍ ଟସ୍ ଜିତି ବ୍ୟାଟିଂ କରି ୧୫ ଓଭରରେ ୧୫୯ ରନ୍ କରିଥିଲା । ପରେ ଗୁଡାରି ବ୍ଲକର ସର୍ଗିଗୁଡା ଦଳ ୧୫ ଓଭର ଖେଳି ୧୬୦ ରନ ସଂଗ୍ରହ କରି ଚାମ୍ପିୟନ ହୋଇଛି । ଚାମ୍ପିୟନ ସର୍ଗିଗୁଡା ଦଳ ୨୦ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ପାଇଥିଲା । ସେହିପରି ରନର୍ସ ଅପ୍ ଦଳ ୧୫ ହଜାର ଟଙ୍କା ସହ ଟ୍ରଫି ପାଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କୈନ କିମାକା, ସମ୍ମାନିତ ଅତିଥି ଭାବେ ଡାଙ୍ଗସୋରଡ଼ା ସରପଞ୍ଚ ଅନିତା ଶବର, ନିମନ୍ତ୍ରିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ କିଶୋର ହରିଚନ୍ଦନ, ସାମାଜିକ କର୍ମୀ ବିଜୟ ଉଲାକା, ଆନନ୍ଦ ପାତ୍ର, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦୁଇ ଟିମ୍‌କୁ ପୁରସ୍କୃତ କରିଥିଲେ । ଏଥିରେ ଉତ୍ତମ ଅମ୍ପାୟର ଭାବେ ପ୍ରତୀକ ସେନାପତି, ଉତ୍ତମ ଧାରା ବିବରଣୀ ପାଇଁ ବାମଦେବ ସେଠି, ଉତ୍ତମ ବ୍ୟାଟ୍ସମ୍ୟାନ ଭାବେ ରାଜେଶ ପାତ୍ରଙ୍କ ସହ ସମସ୍ତ ଅତିଥିଙ୍କୁ କ୍ରିକେଟ ଟିମ ତରଫରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଜୟନ୍ତ ପିପଲି, ସୁବ୍ରତ ମଣ୍ଡଳ, ପ୍ରବୀର ପାତ୍ର, ଲିକୁ, ରୋଶନ ଗୌଡ଼ଙ୍କ ସମେତ ବହୁ କ୍ରୀଡା ପ୍ରେମୀ ସହଯୋଗ କରିଥିଲେ । ଫାଇନାଲ ମ୍ୟାଚ ଦେଖିବାକୁ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ଜାଗ ଭୋଟର ଜାଗ କାର୍ଯ୍ୟକ୍ରମ

ରାୟଗଡ଼ା,୨୮।୪(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ମେ ୧୩ ତାରିଖରେ ମତଦାନ ହେବ । ମତଦାନ ଅଧିକାରୁ ଅଧିକା କରିବା ପାଇଁ ଲୋକଙ୍କୁ ସଚେତନ କରୁଛି ଜିଲା ପ୍ରଶାସନ । ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ନେତୃତ୍ୱରେ ଜାରି ରହିଛି ପ୍ରଚେଷ୍ଟା । ଏହି କ୍ରମରେ ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ା ବ୍ଲକର ୧୧୪ଟି ଭୋଟଦାନ ଅଞ୍ଚଳରେ ଏପ୍ରିଲ ୪ରୁ ୨୮ତାରିଖ ପର୍ଯ୍ୟନ୍ତ ଜାଗ ଭୋଟର ଜାଗ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବୁଥ୍‌ସ୍ତରୀୟ ଅଧିକାରୀ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ ଓ ଯୁବଗୋଷ୍ଠୀ ବୁଲି ବ୍ୟାନର ଓ ପୋଷ୍ଟର ମାଧ୍ୟମରେ ଭୋଟରଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମକୁ ରାୟଗଡ଼ା ବିଡିଓ ଅମୂଲ୍ୟ କୁମାର ସାହୁ, ଏବିଡିଓ କାଳୁ ଚରଣ ନାୟକ ଓ ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପ୍ରମୁଖ ତଦାରଖ କରୁଛନ୍ତି । ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାଶ ଓ ସିଡିପିଓ ମୀନାକ୍ଷୀ ଦାଶଙ୍କ ସହଯୋଗରେ ବ୍ଲକର ସମସ୍ତ ଶିକ୍ଷକ, ଅଙ୍ଗନବାଡି କର୍ମୀ ଏହାର ସଫଳତା ନିମନ୍ତେ ଘର ଘର ବୁଲି ପ୍ରଚାର ଓ ପ୍ରସାର କରୁଥିବା ଦେଖିବାକୁ ମିଳିଛି । ଯୁବ ଭୋଟରଙ୍କୁ ଉତ୍ସାହିତ କରିବା ପାଇଁ ସିଂଘାଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜେକେପୁର, ଅମଳାଭଟାସ୍ଥିତ ମଡେଲ ଡିଗ୍ରୀ କଲେଜ ଆଦିରେ ପ୍ରତିଯୋଗିତା ଏବଂ ରାଲି ଭଳି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଆଗାମୀ ସାଧାରଣ ନିର୍ବାଚନର ମତଦାନରେ ଏହାର ସୁପ୍ରଭାବ ପରିଲକ୍ଷିତ ହେବ ବୋଲି ବିଡିଓ ଅମୂଲ୍ୟ କୁମାର ସାହୁ ପ୍ରକାଶ କରିଛନ୍ତି ।





ସୁଲଭା ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି ।

## ସଂକ୍ଷେପରେ

### ଚଞ୍ଚକତା କରି ବ୍ୟବସାୟୀଙ୍କ ୨୩ ଲକ୍ଷ ଠକେଇ
## ବାଲେଶ୍ୱରରୁ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୨୮।୪(ସୁବାସ ଚନ୍ଦ୍ର ପାଢ଼ୀ):

ଚଞ୍ଚକତା କରି ବ୍ୟବସାୟୀ ମନୋଜ କୁମାର ସାହୁଙ୍କ ଆକାଉଣ୍ଟରୁ ୨୩ ଲକ୍ଷରୁ ଅଧିକ ଟଙ୍କା ଠକେଇ ହୋଇଥିଲା। ଠକେଇର ଶିକାର ହୋଇଥିବା ବ୍ୟବସାୟୀ ମନୋଜ ଏନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଠକ ଗ୍ୟାଙ୍ଗର ଅଭିଯୁକ୍ତଙ୍କୁ ବାଲେଶ୍ୱର ଜିଲା ସିମୁଳିଆରୁ ଅନିଲ କୁମାର ଦାସ (୨୮)ଙ୍କୁ ରବିବାର ଗିରଫ କରିଛି। ତାଙ୍କ ନିକଟରୁ ଏକ ମୋବାଇଲ ଜବତ କରିଛି। ଏହି ଠକ ଗ୍ୟାଙ୍ଗର ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ବୈଦ୍ୟନାଥପୁର ଥାନା ଚାଞ୍ଚଡ଼ାପଡ଼ିଆର ବିଶ୍ୱନାଥ ନଗରରେ ରହୁଥିବା ମନୋଜ ସାହୁଙ୍କୁ ୪ମାସ ତଳେ ଜଣେ ଯୁବକ ଭେଟିଥିଲେ। ବ୍ୟାଙ୍କରୁ ଟଙ୍କା ଋଣ କରାଇଦେବେ ବୋଲି କହି ତାଙ୍କ ଠାରୁ ଜିଏସଟି ନମ୍ବର, ପାନ କାର୍ଡ, ଆଧାର କାର୍ଡ, ଇଲେକ୍ଟ୍ରିକ ବିଲ ନେଇଥିଲେ। ଗତ ୨୦୨୩ ଡିସେମ୍ବରରେ ଯୁବକ ଜଣଙ୍କ ମନୋଜଙ୍କୁ ବ୍ୟାଙ୍କ ଋଣ ମଞ୍ଜୁର ହୋଇଯାଇଥିବା ଜଣାଇଥିଲେ। ୨୦୨୩ ଡିସେମ୍ବର ୬ରୁ ୧୧ ତାରିଖ ମଧ୍ୟରେ ୪ ପର୍ଯ୍ୟାୟରେ ଆଦିତ୍ୟ ବିର୍ଲା ଫାଇନାନ୍ସରୁ ୨୩ ଲକ୍ଷ ୩୬୭୦ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା। ଯାହା ଦେଖି ସେ ଖୁସି ହୋଇଯାଇଥିଲେ। ପରେ ଡିସେମ୍ବର ୧୭ ତାରିଖରେ ସମ୍ପୃକ୍ତ ଯୁବକ ଜଣଙ୍କ ମନୋଜଙ୍କୁ ଭେଟିଥିଲେ। ଉକ୍ତ ଫାଇନାନ୍ସ ସଂସ୍ଥା ଅଧିକ ସୁଧ ନେବ ଏଣୁ କମ ସୁଧ ନେବା ସଂସ୍ଥାରୁ ଆମେ ଲୋନ ଆଣିବା । ଏଥିରେ ମନୋଜ ରାଜି ହୋଇଯାଇଥିଲେ। ପରେ ଯୁବକ ଜଣଙ୍କ ବ୍ୟବସାୟୀଙ୍କ ମୋବାଇଲରୁ ଚଞ୍ଚକତା କରି ଋଣ ଦେଇଥିବା ଆଦିତ୍ୟ ବିର୍ଲାକୁ ଉକ୍ତ ଟଙ୍କା ପଠାଇବା ବଦଳରେ ବେନାମୀ ସଂସ୍ଥାକୁ ପ୍ରଥମେ ୧ଟଙ୍କା ପଠାଇଥିଲେ। ଦିନକ ପରେ ବ୍ୟବସାୟୀଙ୍କ ଆକାଉଣ୍ଟରୁ ୨୩ ଲକ୍ଷ ୩୬୬୮ ଟଙ୍କା ବେନାମୀ ସଂସ୍ଥା ଆକାଉଣ୍ଟକୁ ଚାଲିଯାଇଥିଲା। ପରେ ଉକ୍ତ ଯୁବକ ଜଣଙ୍କ ସହ ସେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ ତାହା ସମ୍ଭବ ହୋଇପାରିନଥିଲା। ଫଳରେ ସେ ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ନଂ.୧୩/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ବଜ୍ରପାତରେ ବୃଦ୍ଧା ଆହତ

ଧରାକୋଟ, ୨୮।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ କାଠଗଡା ଗ୍ରାମର ଜଣେ ବୃଦ୍ଧା ବଜ୍ରପାତରେ ଆହତ ହୋଇଛନ୍ତି। ସେ ହେଲେ ଘନ ନାୟକଙ୍କ ସ୍ତ୍ରୀ ତୁଳସା ନାୟକ। ରବିବାର ଅପରାହ୍ନରେ ତୁଳସା ନିକଟସ୍ଥ ତୋଟାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିବା ବେଳେ ହଠାତ୍ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ତାଙ୍କ ଶରୀରର କିଛି ଅଂଶ ଶିଝି ଯାଇଥିଲା। ସେ ତଳେ ପଡ଼ିଯାଇ ଚିତ୍କାର କରିବାରୁ ଗ୍ରାମବାସୀ ପହଞ୍ଚିଥିଲେ। ଆମ୍ବୁଲାନ୍ସରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

# ଇସ୍ତଫା ଦେଲେ ରାଜ୍ୟ ଭାଜପା ସଂଖ୍ୟାଲଘୁ ସେଲ୍‌ର ଉପସଭାପତି

ଉମରକୋଟ,୨୮।୪ (ସନ୍ତୋଷ ଶତପଥୀ )

ଭଜପାରୁ ଇସ୍ତଫା ଦେଲେ ରାଜ୍ୟ ଭାଜପା ସଂଖ୍ୟାଲଘୁ ସେଲ୍‌ର ଉପସଭାପତି ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରତିନିଧି କାଜାମ ମଦାନି। କାଜାମଙ୍କ ସହ ତାଙ୍କ ବହୁ ସମର୍ଥକ ରବିବାର ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲା ସଭାପତି ପବିତ୍ର ଗରଡ଼ା, ଜିଲା କମିଟିର ସମସ୍ତ ପଦାଧିକାରୀ, କୁଇ ସମାଜର ସମସ୍ତ ନେତା, ତହରା ସରପଞ୍ଚ ସଦାନନ୍ଦ ମାଝି ପ୍ରମୁଖ ରହିଛନ୍ତି। ବର୍ତ୍ତମାନ ଏମାନେ କୌଣସି ଦଳରେ ସାମିଲ ହେବେ ନାହିଁ ବୋଲି କହିଛନ୍ତି। କିନ୍ତୁ ସେମାନଙ୍କ ଏକ ସାମାଜିକ ସଂଗଠନ 'ଜନ ଜାଗୃତି ମିଶନ' ମାଧ୍ୟମରେ ବର୍ତ୍ତମାନ ନିର୍ବାଚନ ଲଢୁଥିବା ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରି ନିର୍ବାଚନରେ ତାଙ୍କୁ ସମର୍ଥନ କରିବୁବୋଲିସୂଚନା ଦେଇଛନ୍ତି। ଅନ୍ୟପଟେ ନିର୍ବାଚନକୁ ନେଇ ଅନେକ ସଚେତନତା କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନ କରି ନିଜ ନିଜ ମତଦାନ କରିବାକୁ ଲୋକଙ୍କୁ ବୁଝେଇବୁ। କାଜାମ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ବିରୋଧ କରୁ ନ ଥିବାବେଳେ ସିଧାସଳଖ ଭାଜପାର ଲୋକ ସଭା ପ୍ରାର୍ଥୀ ବଳଭଦ୍ର ମାଝିଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାଜାମ ଅଭିଯୋଗ କରିଛନ୍ତି, ବଳଭଦ୍ର କାହା କଥା ଶୁଣନ୍ତି ନାହିଁ, ଅଫିସର ଷ୍ଟାଇଲରେ ବ୍ୟବହାର କରନ୍ତି । ବର୍ତ୍ତମାନ ଭାଜପା ଅନ୍ୟର ରିମୋଟରେ ଚାଲିଛି । ଆମକୁ ଏପରି ଏକ ନେତା ଦରକାର ଯିଏ ଲୋକଙ୍କ ବିକାଶ କରିବ । ଅନ୍ୟପଟେ ବିଜେଡିରେ ଯୋଗ ନ ଦେଇ କାଜାମ ସିଧାସଳଖ ପ୍ରଦୀପ ମାଝୀଙ୍କ ପାଇଁ କାମ କରିବେ ବୋଲି ପ୍ରକାଶ କରିଛନ୍ତି।


ସମର୍ଥକଙ୍କ ସହ ରାଜ୍ୟ ଭାଜପା ସଂଖ୍ୟାଲଘୁ ସେଲ୍‌ର ଉପସଭାପତି ତଥା ଉମରକୋଟ ବିଧାୟକଙ୍କ ପ୍ରତିନିଧି କାଜାମ ମଦାନି ।

## ଉମରକୋଟର ମହେନ୍ଦ୍ରଙ୍କୁ ବ୍ରୋଞ୍ଜ ମେଡାଲ

ଉମରକୋଟ,୨୮।୪ (ସନ୍ତୋଷ ଶତପଥୀ)

### ଏସିଆନ ଜୁନିୟର ଆଥଲେଟିକ ପ୍ରତିଯୋଗିତା



ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ବହୁ କ୍ରୀଡ଼ାବିତ୍ ଆନ୍ତର୍ଜାତିକସ୍ତରରେ ପଦକ ହାସଲ କରି ଉମରକୋଟର ସୁନାମ ବୃଦ୍ଧି କରିବାରେ ଲାଗିଛନ୍ତି। ଉମରକୋଟ ବ୍ଲକ ଅନ୍ତର୍ଗତ କୋପେନା ଗ୍ରାମର ମହେନ୍ଦ୍ର ସାନ୍ତା ଦୁବାଇଠାରେ ଅନୁଷ୍ଠିତ ହୋଇଥିବା ଏସିଆନ ଜୁନିୟର ଆଥଲେଟିକ ଚାମ୍ପିୟନ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧି କରି ୪X୧୦୦ ପୁରୁଷ ରିଲେରେ ରେକର୍ଡ ବ୍ରେକିଂ ସମୟ ୪୦.୦୧ ସେକେଣ୍ଡରେ ଅତିକ୍ରମ କରି ରେକର୍ଡ ସୃଷ୍ଟି କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ମହେନ୍ଦ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ମହେନ୍ଦ୍ର ଭୁବନେଶ୍ୱର କିସ୍ ମହାବିଦ୍ୟାଳୟରେ ବିଏ ପଢୁଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ଥିବା ରିଲାଏନ୍ସ ଫାଉଣ୍ଡେଶନରେ ତାଲିମ ନେଉଛନ୍ତି। ମହେନ୍ଦ୍ର କରୋନା ସମୟରେ ଉମରକୋଟଠାରେ ଥିବା ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ କୋଚିଂ ନେଉଥିଲେ। ଆଗାମୀ ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରି ପଦକ ହାସଲ କରିବା ମୋର ଜୀବନର ଲକ୍ଷ୍ୟ ବୋଲି କୁହନ୍ତି ଆନ୍ତର୍ଜାତିକ କ୍ରୀଡ଼ାବିତ୍ ମହେନ୍ଦ୍ର ସାନ୍ତା। କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ଓ ଏମ. ବିଜୟ ମହେନ୍ଦ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ବର୍ତ୍ତମାନ ନବରଙ୍ଗପୁର ଜିଲାର ଉମରକୋଟ ପରି ଉପାନ୍ତ ଅଞ୍ଚଳରୁ ଜଣେ ପରେ ଜଣେ ଆନ୍ତର୍ଜାତିକସ୍ତରରେ ଖେଳି ଉମରକୋଟର ଗୌରବ ବୃଦ୍ଧି କରିବାରେ ଲାଗିଛନ୍ତି । ତେଣୁ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଯୁବ, ଛାତ୍ର ବିଜେଡି କର୍ମୀ ସମ୍ମିଳନୀ

ନବରଙ୍ଗପୁର,୨୮।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ରୋକିସାନ ପ୍ରିମିୟମଠାରେ ଯୁବ ଓ ଛାତ୍ର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା(ଡିଲୁ) ସଭାପତିତ୍ୱ କରିଥିଲେ । ପୂର୍ବତନ ଏମ୍‌ପି ତଥା ଲୋକ ସଭା ପ୍ରାର୍ଥୀ ପ୍ରଦୀପ ମାଝି, ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ନବରଙ୍ଗପୁର ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ, ବିଧାୟକ ସଦାଶିବ ପ୍ରଧାନୀ, କୋରାପୁଟ ଜୋନ ଯୁବ ବିଜେଡି ସଭାପତି ତପୋଷ ତ୍ରିପାଠୀ, ଜିଲା ଛାତ୍ର ବିଜେଡି ସଭାପତି ଏମ. ମୁରଲୀ, ଟାଉନ ସମ୍ପାଦକ ସୂର୍ଯ୍ୟକାନ୍ତ ଲେଙ୍କା, ଆଶିଷ ରଞ୍ଜନ ପଟ୍ଟନାୟକ, ରବି ପଟ୍ଟନାୟକ ସମେତ ୫ ଶହ ଜଣ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ଯୁବ ଛାତ୍ର କିଭଳି ଶୃଙ୍ଖଳିତ ଭାବେ ୱାର୍ଡ, ପଞ୍ଚାୟତ ଓ ନିର୍ବାଚନ ମଣ୍ଡଳୀର ପ୍ରଚାର କାର୍ଯ୍ୟରେ ସହଯୋଗ କରିବେ ସେ ନେଇ ଆଲୋଚନା ହୋଇଥିଲା। ସରକାରଙ୍କ ଜନହିତକର ଯୋଜନା କିଭଳି ଲୋକାଭିମୁଖୀ ହୋଇଛି ତାହା ଭୋଟଙ୍କ ନିକଟରେ ପହଞ୍ଚାଇ ପ୍ରଚାରରେ ସହଯୋଗ କରିବା ସହିତ ଭୋଟରଙ୍କୁ ଆକୃଷ୍ଟ କରିବେ ସେ ନେଇ ପ୍ରାର୍ଥୀ ଓ ପର୍ଯ୍ୟବେକ୍ଷକ ଆଲୋଚନା କରିଥିଲେ ।



କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା ଓ କର୍ମକର୍ତ୍ତା।

## କୀଟନାଶକ ଖାଇ ଯୁବକଙ୍କ ଆତ୍ମହତ୍ୟା

ଜଗନ୍ନାଥପ୍ରସାଦ,୨୮।୪
(ବିଭୂ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଲାଡି ପଞ୍ଚାୟତ ଥୋଲଣ୍ଡା ଗ୍ରାମର ଜଣେ ଯୁବକ ଶନିବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁବଳ ପ୍ରଧାନ(୩୭)। ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି। ସୁବଳ କୌଣସି କାରଣକୁ ନେଇ ଘରେ ଥିବା କୀଟନାଶକ ଖାଇଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଭଞ୍ଜନଗର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ରାତି ପ୍ରାୟ ୧୧ଟାରେ ସୁବଳଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଅ କୀଟନାଶକ ପି ଦେଇଥିବା ସୁବଳଙ୍କ ବାପା ଗଦାଧର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫/୨୪ ମାମଲା ରୁଜୁ କରି ମୃତଦେହ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ରକ୍ତ ଦାନ କରି ଜୀବନ ବଞ୍ଚାଇଲେ ବିଷ୍ଣୁ

ଚନ୍ଦାହାଣ୍ଡି, ୨୮।୪ (ଦିଲୀପ ଦାସ )

ରକ୍ତହୀନତାର ଶିକାର ହୋଇଥିବା ଜଣେ ରୋଗୀଙ୍କୁ ରକ୍ତଦାନ କରି ବିପଦର ବନ୍ଧୁ ସାଜିଛନ୍ତି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଦଲବେଡା ପଞ୍ଚାୟତ ଅନ୍ତର୍ଗତ ଭାଟିପଡା ଗ୍ରାମର ବିଷ୍ଣୁ ବେଶ୍ରା । ବିଷ୍ଣୁଙ୍କ ଏଭଳି ମହାନ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ ଚନ୍ଦାହାଣ୍ଡି ବ୍ଲକ ଦଲବେଡା ପଞ୍ଚାୟତ ଅନ୍ତର୍ଗତ ଭାଟିପଡା ଗ୍ରାମର ଇଶାନ୍ତ ବଗର୍ତ୍ତୀଙ୍କୁ ଜ୍ୱର ହୋଇଥିବା ବେଳେ ସେ ରକ୍ତହୀନତାର ଶିକାର ହୋଇଥିଲେ। ତେଣୁ ପରିବାର ଲୋକ ତାଙ୍କୁ କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସାସ୍ଥ୍ୟ ପରୀକ୍ଷା କରିବା ପରେ ଇଶାନ୍ତଙ୍କ ଶରୀରରେ ହିମୋଗ୍ଲୋବିନ ପରିମାଣ କମ୍ ଥିବା କହିବା ସହିତ ତୁରନ୍ତ ରକ୍ତ ଯୋଗାଡ଼ କରିବାକୁ ପରାମର୍ଶ ଦେଇଥିଲେ। ଇଶାନ୍ତଙ୍କୁ ଓ –ପଜିଟିଭ ରକ୍ତର ଆବଶ୍ୟକତା ଥିବାରୁ ପରିବାର ଲୋକ ଚିନ୍ତାରେ ପଡ଼ିଥିଲେ। ସାମାଜିକ ଗଣମାଧ୍ୟମରେ ସୂଚନା ପାଇବା ମାତ୍ରେ ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଭାଟିପଡା ଗ୍ରାମର ବିଷ୍ଣୁ ବେଶ୍ରା ଧର୍ମଗଡ଼ ଚିକିତ୍ସାଳୟରେ ପହଞ୍ଚି ରକ୍ତଦାନ କରିଥିଲେ । ଜରୁରୀ ସମୟରେ ରକ୍ତଦାନ କରି ଜୀବନ ବଞ୍ଚାଇଥିବାରୁ ଇଶାନ୍ତଙ୍କ ପରିବାର ବିଷ୍ଣୁଙ୍କୁ ସାଧୁବାଦ ଜଣାଇଥିଲେ। ଏଭଳି ବିପଦ ସମୟରେ ଅନ୍ୟମାନେ ମଧ୍ୟ ରକ୍ତଦାନ କଲେ ଅନେକ ଜୀବନ ବଞ୍ଚିପାରିବ ବୋଲି ବିଷ୍ଣୁ କହିଛନ୍ତି।


ବିଷ୍ଣୁ ବେଶ୍ରା

# ଓଡ଼ିଆ ଅସ୍ମିତାର ପ୍ରତୀକ ମଧୁବାବୁ

### ଜିଲା ପ୍ରଶାସନ ପକ୍ଷରୁ ମଧୁବାବୁ ଜୟନ୍ତୀ

ନବରଙ୍ଗପୁର,୨୮।୪
(ସଦାଶିବ ପ୍ରହରାଜ)

ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ନବରଙ୍ଗପୁର ଜିଲା ପ୍ରଶାସନ ତରଫରୁ ପାଳିତ ହୋଇଯାଇଛି। ଏହି ଅବସରେ ମଧୁବାବୁ ପାର୍କସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ ଯୋଗଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ନବରଙ୍ଗପୁର ଉତ୍କଳ ପରିଷଦର ଜଗଦୀଶ ତ୍ରିପାଠୀ, ବିଜୟ କୁମାର ଚୌଧୁରୀ, ଦେବେନ୍ଦ୍ର ପ୍ରଧାନ, ପ୍ରଭାସିନି ମହାନ୍ତି, ସିଏଚ, ଉଷାରାଣୀ, ଜଗନ୍ନାଥ ବେହେରା ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।


ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅଧିକାରୀ।

## ଭାଜପାର ମିଶ୍ରଣ ପର୍ବ

ନବରଙ୍ଗପୁର,୨୮।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମାଝିଗୁଡାସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ, ପୂର୍ବତନ ନଗରପାଳ ତଥା ବରିଷ୍ଠ ଭାଜପା ନେତା ପ୍ରହଲ୍ଲାଦ ତ୍ରିପାଠୀ, ନାରାୟଣ ପାତ୍ର, କାହ୍ନୁ ଦାଶ, ମୃତ୍ୟୁଞ୍ଜୟ ଦାଶ, ଝାଡେଶ୍ୱର ଖଡଙ୍ଗା, ଦେବଦଶ ମହାଙ୍କଡ଼, ମହିଳା ମୋର୍ଚ୍ଚା ଜିଲା ସଭାପତି ଶର୍ମିଷ୍ଠା ଦେଓଙ୍କ ଉପସ୍ଥିତିରେ ନବରଙ୍ଗପୁରର ବରିଷ୍ଠ କଂଗ୍ରେସ ନେତା ସୁବାଷ ଚନ୍ଦ୍ର ସୁର, ନିସ୍ନାହାଣ୍ଡି ସରପଞ୍ଚ ସତ୍ୟସେନ ନାୟକ, ଦହଣା ସରପଞ୍ଚଙ୍କ ସ୍ୱାମୀ ଶୁଶୀଳ ଗାଦବା, ସନ୍ତୋଶ ମିଶ୍ର, କୋଇଗୁଡା ଓ ସାନଡାଇଭଟାର ଶତାଧିକ ମହିଳା ଓ ପୁରୁଷ ବିଜେଡି, କଂଗ୍ରେସ ଛାଡି ଭାଜପାରେ ସାମିଲ ହୋଇଛନ୍ତି ।


ନୂଆ କର୍ମକର୍ତ୍ତାଙ୍କୁ ଭାଜପା ନେତା ସ୍ୱାଗତ କରୁଛନ୍ତି।

# ଉମରକୋଟରେ ସ୍ୱାଭିମାନ ଦିବସ

ଉମରକୋଟ,୨୮।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାଭିମାନ ଦିବସ ତଥା ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ, ମୁଖ୍ୟ ବକ୍ତା ଭାବେ ଡା ସୁରେନ୍ଦ୍ର ନାଥ ଦାଶ, ସମ୍ମାନିତ ଅତିଥି ଅଭୟ ଚରଣ ନାୟକ, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଅଧାପକ ରମେଶ ଚନ୍ଦ୍ର ପଟ୍ଟନାୟକ ଏବଂ ସମ୍ମାନିତ ବକ୍ତା ଭାବେ ପ୍ରାକ୍ତନ ଶିକ୍ଷା ଜିଲା ଅଧିକାରୀ ଉମେଶ ଚନ୍ଦ୍ର ଭୁକ୍ତା, ଅନ୍‌ଲାଇନ ମାଧ୍ୟମରେ ସୁଦୂର ଆମେରିକାରୁ ଆଲୋଚିକା ଭାବେ ଡା ଚନ୍ଦ୍ରା ମିଶ୍ର ଏବଂ ମୁମ୍ବାଇରୁ ପାରମିତା ଷଡଙ୍ଗୀ ନିଜର ମତ ରଖିଥିଲେ ।

ଦ୍ୱିତୀୟ ଅଧିବେଶନରେ କେଦାରେଶ୍ୱର ପଟ୍ଟନାୟକଙ୍କ ସଭାପତିତ୍ୱରେ କବିତା ପାଠ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବୈକୁଣ୍ଠ ନାଥ ମହାପାତ୍ର, ସମ୍ମାନିତ ବକ୍ତା ଭାବେ ସାଇମନ ବିଡିକା ଯୋଗଦେଇଥିଲେ। ସଂଯୋଜନା କରିଥିଲେ ପ୍ରଭାତୀ ଦେବନାଥ, ସାଗର କୁମାର ପରିଡା, ବିବେକାନନ୍ଦ ପଟ୍ଟନାୟକ ଓ ଶାନ୍ତିଲତା ମହାନ୍ତି । ଶେଷରେ ଅନୁଷ୍ଠାନର ସହ ସମ୍ପାଦକ ରାମଚନ୍ଦ୍ର ରାମ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ଅନୁଷ୍ଠାନର ସଦସ୍ୟଙ୍କ ଦାରା ପ୍ରଚଣ୍ଡ ରୌଦ୍ରତାପରେ ଜଳକଷ୍ଟରେ ଥିବା ସରୀସୃପ ତଥା ପକ୍ଷୀଙ୍କ ନିମନ୍ତେ ମାଟିପାତ୍ରରେ ଜଳପୂର୍ଣ୍ଣ କରି ବିଭିନ୍ନ ଗଛଡାଳ ତଥା ଲୋକଙ୍କ ଛାତ ଉପରେ ରଖାଯାଇଥିଲା। ଅପର୍ତ୍ତି ବେହେରା,ରାଜକିଶୋର ନାୟକ,ଗୀତାଞ୍ଜଳି ଦାଶ, ସୁବାସ ବିଷୋୟୀ, ପ୍ରକାଶ ବେହେରା, ନଗେନ୍ଦ୍ର କୁମାର ରାଉତ ଓ ଷ୍ଟାଲିନ କୁମାର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ମଧୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଭାଜପା ସରକାର ଆସିଲେ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବ

ନବରଙ୍ଗପୁର,୨୮।୪(ସଦାଶିବ ପ୍ରହରାଜ)

### ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ବଳଭଦ୍ର ମାଝିଙ୍କ ଖବରଦାତା ସମ୍ମିଳନୀ

ପୂର୍ବତନ ଏମ୍‌ପି ତଥା ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ବଳଭଦ୍ର ମାଝି ରବିବାର ନବରଙ୍ଗପୁର ଭାଜପା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ପ୍ରତି ବ୍ଲକରେ ୩୫ ପ୍ରତିଶତ ଜଳସେଚନ କରାଯିବ ବୋଲି ଦେଇଥିବା ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଭାଜପା ପ୍ରଶ୍ନ ଉଠାଇଛି। ଚଳିତ ନିର୍ବାଚନରେ ଭାଜପା ସରକାର ଆସିଲେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବ ବୋଲି ମାଝି କହିଥିଲେ। ହେଲେ ରାଜ୍ୟ ସରକାର ଏମ୍‌ଏସ୍‌ପି ପରିବର୍ତ୍ତେ ୧୦୦ ଟଙ୍କା ବୋନସ କହିଥିଲେ ତାହା ମଧ ଦେଲେ ନାହିଁ। କାଳିଆ ଯୋଜନା ହେଲା ଅଥଚ ୨୦୧୯ ପରେ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଷୀ କାଳିଆ ଟଙ୍କା ପାଇଲେ ନାହିଁ। ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଟଙ୍କା ପାଇଁ ରାଜ୍ୟ ସରରକାର କେନ୍ଦ୍ର ସରକାରଙ୍କୁ ସବୁ ଚାଷୀଙ୍କ ତାଲିକା ଦେଲେ ନାହିଁ। ଫଳରେ ଯୋଜନାରୁ ରାଜ୍ୟର ୩୬ ଲକ୍ଷ ଚାଷୀ ବଞ୍ଚିତ ହେଲେ ବୋଲି ବଳଭଦ୍ର କହିଛନ୍ତି ।

ଇନ୍ଦ୍ରାବତୀ କେନାଲ ମାଧ୍ୟମରେ ଜଳସେଚନ ଲାଗି ୨୦୧୪ରେ ମୁଖ୍ୟମନ୍ତ୍ରୀ ଭୂମିପୂଜନ କରିଥିଲେ। ଏଥିସହ ତୁରୀ–ଗୁଣିଆଟ ଜଳସେଚନ ପ୍ରକଳ୍ପ, ଭାସ୍କେଲ ଜଳସେଚନ ପ୍ରକଳ୍ପ, ତେଲ ସମନ୍ୱିତ ଜଳ ପ୍ରକଳ୍ପ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ତେଲ ନଦୀ ପ୍ରକଳ୍ପକୁ ନେଇ ରାଜ୍ୟ ସରକାର ଜାଣିଶୁଣି କାମ ନ କରିବାକୁ ଛତିଶଗଡ଼ ସରକାରଙ୍କ ବିରୋଧରେ ଟ୍ରିବ୍ୟୁନାଲ ଯାଇ ମାମଲା ରୁଜୁ କରିଛନ୍ତି ବୋଲି ବଳଭଦ୍ର ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ପ୍ରତି ଜିଲାରେ ମେଡ଼ିକାଲ କଲେଜ ଘୋଷଣା କରିଛନ୍ତି। ନବରଙ୍ଗପୁର ଓ ମାଲକାନଗିରି ଜିଲା ପ୍ରସ୍ତାବ ଦେଲେ ମେଡ଼ିକାଲ କଲେଜ ଖୋଲାଯିବ। ରାଜ୍ୟ ସରକାର ଆୟୁଷ୍ମାନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କଲେନି। ଆମେ ଏ ସବୁ ବିଷୟ ଭୋଟରଙ୍କୁ ଅବଗତ କରିବୁ ବୋଲି ସେ କହିଥିଲେ। ନବରଙ୍ଗପୁରରେ ମେଡ଼ିକାଲ କଲେଜ ହୋଇପାରିଲା ନାହିଁ। ଉମରକୋଟ ଓ ରାଇଘରରେ ଭୂ–ବନ୍ଦୋବସ୍ତ ହୋଇପାରୁନାହିଁ । ଲୋକେ ଜମି ପଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ରକ୍ତ ଭଣ୍ଡାର କାର୍ଯ୍ୟକାରୀ ହୋଇପାରୁନାହିଁ। ଜିଲାରେ ବ୍ୟାପକ ଦୁର୍ନୀତି ଚଳିଛି ବୋଲି ବଳଭଦ୍ର ଅଭିଯୋଗ କରିଛନ୍ତି। ଏଥିରେ ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋୟୀ ଓ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ପୂର୍ଣ୍ଣିମା କେରକେଟା, ଲୋକ ସଭା ପ୍ରଭାରୀ ମଜିଜର ଆର୍ଯ୍ୟ, ଲୋକସଭା ସଂଯୋଜକ ରାମେଶ୍ୱର ଜେନା, ନବରଙ୍ଗପୁର ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ବଳଭଦ୍ର ମାଝି ସୂଚନା ଦେଉଛନ୍ତି।

# ଓଡିଶା ଗଠନରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ

## ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

କୋରାପୁଟ/ଜୟପୁର,୨୮।୪ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)


କୋରାପୁଟରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ଅତିଥି।

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସଦର ମହକୁମାରେ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ ତମ ଜୟନ୍ତୀ ପାଳିତ ହୋଇଛି। ସ୍ଥାନୀୟ ଗୋପବନ୍ଧୁ ପାର୍କଠାରେ ଅବସ୍ଥାପିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଦେବବ୍ରତ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା, ଆଇନଜୀବୀ ଭବାନୀ ଶଙ୍କର ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସତ୍ୟ ନାରାୟଣ ପ୍ରଧାନ, ଅଲିଭା ବେହେରା, ଅଧ୍ୟାପକ ରବି ଶତପଥୀ, ସାମାଜିକ କର୍ମୀ ଲଳିତ ମୋହନ ପଟ୍ଟନାୟକ, ସୀମା ପଢ଼ିହାରୀ, ଆଇନଜୀବୀ କାମାକ୍ଷା ପ୍ରସାଦ ମାଝୀ, ରମେଶ ସାହୁ, ସ୍ମାରକୀ କମିଟି ସଦସ୍ୟ ରମା ଶର୍ମା, ଅରୁଣ ଦାଶ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

ଜୟପୁର ରଜାନହରସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା ପକ୍ଷରୁ ମଧୁବାବୁଙ୍କ ପ୍ରତମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସଭାପତି ମଦନ ମୋହନ ନାୟକ, ରାଜ୍ୟ ସମ୍ପାଦକ ବୀରେନ ମୋହନ ପଟ୍ଟନାୟକ, ସମ୍ପାଦକ ନବିନ ମାଦଲା, ଶ୍ରମିକ ନେତା ବାଲା ରାୟ, ପରମେଶ୍ୱର ପାତ୍ର, କୋଷାଧ୍ୟକ୍ଷ ନରେଶ ମହାକୁଡ, ଦେବେନ୍ଦ୍ର ବାହିନୀପତି, ରାଜେନ୍ଦ୍ର ଗୌଡ, ଚନ୍ଦ୍ରକାନ୍ତ ସୁତାର ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ଗଠନରେ ମଧୁବାବୁଙ୍କ ବହୁତ ଅବଦାନ ଥିଲା। ଏହି ଅବସରରେ 'କାଳିଆ ଘୋଡାରେ ଚଢିବି ମଧୁବାବୁ ସହ ଲଢିବି ବୋଲି ଅତିଥିମାନେ ସ୍ଲୋଗାନ ଦେଇଥିଲେ। ସେହିପରି ଜିଲା ଓକିଲ ସଂଘ ତରଫରୁ କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ମଧୁବାବୁଙ୍କ ଜୟନ୍ତୀ ଓ ଓକିଲ ଦିବସ ପାଳିତ ହୋଇଛି। ଏହି ଅବସରରେ କୋର୍ଟ ପରିସରରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପ୍ତ ଜଜ ରାଜେଶ ଏକ୍କା, ମହିଳା କୋର୍ଟ ଜଜ୍ ଅଞ୍ଜଳି ମାଛଖାଣ୍ଡ, ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପି.ରମେଶ ପାତ୍ର, ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ସିଂ ଲାଲ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ନୂତନ ଭାବେ ଯୋଗ ଦେଇଥିବା ୩୨ ଜଣ ଆଇନଜୀବୀଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରି ପୁରାତନ ସଂଘ ସଭାପତିମାନଙ୍କୁ ସମ୍ମାନିତ କରାଯାଇଥିଲା ସ୍ୱାଗତ କରାଯାଇଥିବା ଆଇନଜୀବୀମାନେ ହେଲେ ସୁଧୀର ଷଡଙ୍ଗୀ, ଅଜିତ ସାହୁ, ବୀରେଶ ପଟ୍ଟନାୟକ, ବିଜୟ ରାୟ ଜେନା ଦେଓ, ସରୋଜ ଦାସ। ଅନ୍ୟମାନଙ୍କ ମଧ୍ୟରେ ଦାଶରଥୀ ପଟ୍ଟନାୟକ, ଗିରିଧର ଖରା, ଟିଏନ ମୂର୍ତ୍ତି, ମଦନ ମୋହନ ନାୟକ, ଶଶୀଧର ପଟ୍ଟନାୟକ, ଗାୟତ୍ରୀ ଦେବୀ, ଅରତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରବିନ୍ଦ୍ର ପଣ୍ଡା କାଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କେନ୍ଦ୍ର,ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ

ସେମିଳିଗୁଡା/ସୁନାବେଡା,୨୮।୪ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)



କୋରାପୁଟ ଜିଲା ସେମିଳିଗୁଡାସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡାମ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାର ୨୫ବର୍ଷ ଶାସନରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରି ନ ଥିବା ସେ ଅଭିଯୋଗ କରିଥିଲେ। ଦୀର୍ଘ ଦିନଧରି ସୀମାନ୍ତ କୋଟିଆକୁ ନେଇ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ୍ୟ ସେଗୁଡିକୁ ସରକାର ସମାଧାନ ପାଇଁ ଗୁରୁତ୍ୱ ଦେଉନ ଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଆଦିବାସୀଙ୍କ ପାଇଁ କୌଣସି ଯୋଜନା କରୁ ନ ଥିବା ଏବଂ କଂଗ୍ରେସ ଶାସନ ସମୟରେ ଯେତିକି ଉନ୍ନତି ହୋଇଥିଲା ତାକୁ ମଧ୍ୟ ନିମ୍ନସ୍ତରକୁ ନେଇଯାଇଥିବା କହିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ସମଗ୍ର ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ବହୁବିଧ ଉନ୍ନତି ହେବ ବୋଲି ସେ କହିଥିଲେ।

### ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

ଜୟପୁର, ୨୮।୪ (ପବନ ପାଣିଗ୍ରାହୀ)

ବିବାହ ପ୍ରଲୋଭନ ଦେଖାଇ ଜଣେ ମହିଳାଙ୍କୁ ପ୍ରତାରଣା କରାଯାଇଥିବା ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଏହାକୁ ଭିତ୍ତି କରି ପୋଲିସ କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ ଭାଲୁଗୁଡା ଗ୍ରାମର ବାବୁଲା ଖରା (୨୫)ଙ୍କୁ ଗିରଫ କରିଛି। ବୈପାରିଗୁଡା ଥାନା ଚେରକାପୁଟ ଗ୍ରାମର ଜଣେ ଯୁବତୀ(୨୨)ଙ୍କୁ ଭାଲୁଗୁଡା ଗ୍ରାମର ବାବୁଲା ଖରା (୨୫) ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେ ଏହାକୁ ଅସ୍ୱୀକାର କରିଥିଲେ ବୋଲି ଅଭିଯୋଗରେ କୁହାଯାଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

### ଭୋଟର ସଚେତନତା ଉପରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୮।୪(ପବନ ପାଣିଗ୍ରାହୀ)

ଜୟପୁର ରଜାନହରଠାରେ ନାଚଗୀତ ମାଧ୍ୟମରେ ଭୋଟରର ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି । ଜିଲା ପ୍ରଶାସନର ନିର୍ଦ୍ଦେଶରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକ ପ୍ରିୟଙ୍କା ଗୋସ୍ୱାମୀ,କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ, ଜିଲା ପରିଷଦ ସିଡିଓ ଦେବାଶିଷ ପଟ୍ଟନାୟକ, ପିଡି ଡ୍ରୁଡା ଦେବୀ ପ୍ରସାଦ ଡାଲି , ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଉପ ଜିଲାପାଳ ପ୍ରଭାତ ପରିଡା, ଏସ୍‌ଡିପିଓ ଅଙ୍କିତ ବର୍ମା, ବିଡିଓ ଶକ୍ତି ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଡିସିଓ ପ୍ରୀତିସୁଧା ଜେନା ପ୍ରମୁଖ ଉପସ୍ଥିତ ରହି ନାଚଗୀତ ମାଧ୍ୟମରେ ମତଦାତାଙ୍କୁ ସଚେତନ କରିଥିଲେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

କୋରାପୁଟ,୨୮।୪(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗଣିତ ବିଭାଗ ପକ୍ଷରୁ ଆୟୋଜିତ 'ଏକବିଂଶ ଶତାବ୍ଦୀର ଗଣିତ: ସିଦ୍ଧାନ୍ତ ଓ ପ୍ରୟୋଗ' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବାରାଣସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମୁକୁଟମଣି ତ୍ରିପାଠୀ, ଝାନ୍‌ସୀ ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଅବନିଶ କୁମାର, ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ମାଥ୍‌ମେଟିକ୍ସ ଆଣ୍ଡ ଆପ୍ଲିକେଶନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏ.କେ. ମିଶ୍ର, ଦିଲ୍ଲୀ ଆଇଆଇଟିରେ ପ୍ରଫେସର ଭବାନୀ ଶଙ୍କର ପଣ୍ଡା, ବିଶ୍ୱଭାରତୀ ଶାନ୍ତିନିକେତନର ପ୍ରଫେସର ପ୍ରଶାନ୍ତ ଚାଟାର୍ଜୀ, ନାଗପୁର ବିଶ୍ୱବିଦ୍ୟାଳୟ ଆରଟିଏମ୍‌ର ପ୍ରଫେସର ଜିଏସ ଖଡ଼େକର ଏବଂ ସିୟୁଓର ଆସୋସିଏଟ ପ୍ରଫେସର ଡ. ଅଶୋକ ସାହୁ ପ୍ରମୁଖ ଗଣିତଜ୍ଞମାନେ ଉପସ୍ଥିତ ଥିଲେ। ଏହି ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ଦିନେ ଉନ୍ନତ ଗାଣିତିକ ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ପୂର୍ବ ଭାରତର ନେତୃତ୍ୱ ନେବ ବୋଲି ଅତିଥିମାନେ ଆଶା ବ୍ୟକ୍ତ କରିଥିଲେ। ସମ୍ମିଳନୀରେ ବିଶିଷ୍ଟ ବ୍ୟକ୍ତିମାନେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଧ୍ୟୟନ ଓ ଗବେଷଣାକୁ ପ୍ରାଥମିକତା ଦେବା ଏବଂ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକା ସମ୍ପର୍କରେ ସଚେତନ କରିଥିଲେ। ସମ୍ମିଳନୀରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ନିବନ୍ଧ ଉପସ୍ଥାପନ କରିଥିଲେ। ଆଇଆଇଟି ଭିଲାଇର ସୁଶ୍ରୀ ମନୀଷା ଶ୍ରେଷ୍ଠ ଉପସ୍ଥାପନା ପୁରସ୍କାର ପାଇଥିଲେ। ଗଣିତ ବିଭାଗର ସହକାରୀ ପ୍ରଫେସର ଡ. ଜ୍ୟୋତିଷ୍କ ଦତ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଜାତୀୟ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

# କୁନ୍ଦୁରା ଏଏସ୍‌ଆଇଙ୍କ ବିରୋଧରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

କୁନ୍ଦୁରା,୨୮।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହାକୁମାରେ କାର୍ଯ୍ୟରତ ଏଏସ୍‌ଆଇ ମୀନକେତନ ପାତ୍ରଙ୍କ ବିରୋଧରେ ଅଞ୍ଚଳବାସୀ କୋରାପୁଟ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଏସଆଇ ପାତ୍ର କୁନ୍ଦୁରା ଆଖପାଖ ଅଞ୍ଚଳର କେତେ ଜଣ ଅସାମାଜିକ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖି ନିଜ ସ୍ୱାର୍ଥ ହାସଲ କରୁଥିବା ଅଞ୍ଚଳବାସୀ ଅଭିଯୋଗରେ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଏଏସଆଇ ପାତ୍ରଙ୍କୁ କୁନ୍ଦୁରା ଥାନାରୁ ବଦଳି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। କୁନ୍ଦୁରା ଏବଂ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି,ରାହାଜାନି, କୁକୁଡ଼ା ଗାଲି ଓ ଚୋରା ମଦ ବିକ୍ରି ବଢିଚାଲିଛି। ଏ ନେଇ ଗତ ବର୍ଷେ ହେଲା କୁନ୍ଦୁରା ଥାନାରେ ଏବଂ କୋରାପୁଟ ଏସ୍‌ପି ଙ୍କ ନିକଟରେ ମିଳିତ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। ମାତ୍ର ଏଥିରୁ କିଛି ସୁଫଳ ମିଳୁନାହିଁ ବୋଲି ସେମାନେ କହିଛନ୍ତି। ଏ ନେଇ କୁନ୍ଦୁରା ଥାନା ଭାରପ୍ରାପ୍ତ ଅଧିକାରୀ ଚିତ୍ତ ରଞ୍ଜନ ପ୍ରଧାନୀଙ୍କୁ ପଚାରିବା ରୁ ସେ କହିଲେ ମୁଁ ମାତ୍ର ୩/୪ ମାସ ହେବ କୁନ୍ଦୁରା ଥାନାକୁ ଆସିଛି। ଏଠି କର୍ମଚାରୀ ବହୁତ କମ ଅଛନ୍ତି। ଏହା ସତ୍ତ୍ୱେ ଅପରାଧ ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରହିଛି। ଯଦି କୁନ୍ଦୁରା ଅଞ୍ଚଳର ସମାଜିକ କର୍ମୀ, ବୁଦ୍ଧିଜୀବୀ ଏବଂ ଜନସାଧାରଣ ପୋଲିସକୁ ସହଯୋଗ କରିବେ ତେବେ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିହେବ। ଏ ସମ୍ପର୍କରେ ଏଏସଆଇ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ମୁଁ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଜଡିତ ଥିବା ବ୍ୟକ୍ତିଙ୍କ ସହ ସମ୍ପୃକ୍ତ ନାହିଁ। ଅଞ୍ଚଳବାସୀ ଏସ୍‌ପିଙ୍କ ନକଟରେ ଅଭିଯୋଗ କରିଛନ୍ତି। ତଦନ୍ତ ହେଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ପାତ୍ର କହିଛନ୍ତି।

# ବସ୍‌କୁ ଧକ୍କା ଦେଲେ ୩ ଯୁବକ, ଜଣେ ମୃତ

ଦଶମନ୍ତପୁର,୨୮।୪ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ଥାନା ପରଜାବାରିକଣ୍ଡା ନିକଟସ୍ଥ ଘାଟି ବୁଲାଣିରେ ଏକ ଘରୋଇ ବସ୍-ବାଇକ୍ (ଓଡ଼ି୧୮ ଏଲ୍- ୩୪୨୫) ମୁହାଁମୁହିଁ ଧକ୍କା ହୋଇଛି। ବସ୍‌ଟି ମୁର୍କାର ପଞ୍ଚାୟତର କୁନ୍ତେଶ ଗ୍ରାମକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ (ଓଡ଼ି୧୦ଜି–୮୨୫୫)ରେ ୩ଜଣ ମୁର୍କାର ପଞ୍ଚାୟତର ମୁଣ୍ଡାଖୋଲା ଗ୍ରାମରୁ ଫେରୁଥିଲେ। ବାଇକ୍‌ରେ ଥିବା ୩ଜଣ ଦ୍ରୁତ ଗତିରେ ଆସି ବସ୍‌କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ ଚାଳକ ଖଗ ମାଳି (୪୨)ଙ୍କ ମୃତ୍ୟୁ ହୋଇଥିଲା। ଜଗନ୍ନାଥ ମାଳି (୬୦) ଗୁରୁତର ହୋଇଥିଲେ। ବାଇକର ୩ ଜଣ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ.ମାଲକାନାଗିରି ପଞ୍ଚାୟତର ଜଗି ମାଳିଗୁଡ଼ା ଗ୍ରାମର ବୋଲି ଜଣାପଡିଛି। ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତ ଓ ଗୁରୁତରଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତରଖାନାରେ ଖଗ ମାଳିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଥାନା ଅଧିକାରୀ ସୁକୁମା ହାଁସଦା ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

# ଇଗ୍ନୋ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ

କୋରାପୁଟ,୨୮।୪(ଅମିତାଭ ବେହେରା)

କୋରାପୁଟ କୋଟସ ସ୍ଥିତ ଇଗ୍ନୁ(ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ) ପାଠ୍ୟକେନ୍ଦ୍ରରେ ଜାନୁଆରୀ ୨୦୨୪ ନିମନ୍ତେ ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ ରବିବାର କୋଟସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କୋଟସର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସରକାରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନାରାୟଣ ପଣ୍ଡା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନେ ଏହା ଦ୍ୱାରା ସୁବିଧାରେ ଉଚ୍ଚଶିକ୍ଷା ଲାଭ କରିପାରିବେ ବୋଲି ପ୍ରକାଶ କରିଥିଲେ। ପାଠ୍ୟକେନ୍ଦ୍ରର ସଂଯୋଜକ ଡ. ନରେନ୍ଦ୍ର ରଥ ବିବରଣୀ ପାଠ କରି ମୁକ୍ତ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମର ଉପଯୋଗିତା ଉପରେ ମତ ରଖିଥିଲେ। ଡ.ରଥ ଇଗ୍ନୁ ଦ୍ୱାରା ଛାତ୍ରୀଛାତ୍ରମାନେ ପାଠ ପଢି ନିଜକୁ କିପରି ଉତ୍ତମ ନାଗରିକ ରୂପେ ଗଢ଼ିପାରିବେ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ପାଠ୍ୟକେନ୍ଦ୍ରର କାଉନସିଲର ରବି ଶତପଥୀ ଇଗ୍ନୋର ଗୁଣାତ୍ମକ ପାଠ୍ୟ



ଅଧିଗ୍ରହଣ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଖସଡା ଉପରେ ନୂତନ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ସନ୍ତୋଷ ପଣ୍ଡା, ଅଶୋକ ନନ୍ଦ, ଉମାକାନ୍ତ ଦାସ, ଡ.ସାବିତ୍ରୀ ମାଝି, କୋଟସର ବାଞ୍ଛାନିଧି ଚୌଧୁରୀ, ବଳରାମ ନାୟକ ଉପସ୍ଥିତ ଥିଲେ । ଅଧ୍ୟାପକ ଗୋପୀନାଥ ପ୍ରଧାନ ଧନ୍ୟବାଦ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ଇଗ୍ନୁ ପାଠ୍ୟକ୍ରମର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଇଗ୍ନୁ ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶିକା ଡ.ଲତିକା କୁମାରୀ ମିଶ୍ର ଯୋଗଦେଇ ଇଗ୍ନୁର ପାଠ୍ୟକ୍ରମକୁ ଏକ ସମୟ ଉପଯୋଗୀ ଶିକ୍ଷା ବ୍ୟବସ୍ଥା ଏବଂ

# କଂଗ୍ରେସରେ ସାମିଲ ହେଲେ ଜୟପୁର ନଗର ମହିଳା ବିଜେଡି ଉପସଭାପତି

ଜୟପୁର, ୨୮।୪ (ପବନ ପାଣିଗ୍ରାହୀ)

ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପରେ ଆସ୍ଥା ପ୍ରକଟ କରି ଜୟପୁର ନଗର ମହିଳା ବିଜେଡି ଉପ ସଭାପତି ତୃପ୍ତି ପଟ୍ଟନାୟକ ସମର୍ଥକମାନଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି । ଏଥିସହ ଜୟପୁର ପୌରାଞ୍ଚଳର ୨୦ ନମ୍ବର ୱାର୍ଡର ନେତା ଓ କର୍ମୀମାନେ ମଧ୍ୟ କଂଗ୍ରେସରେ ଯୋଗ ଦେଇଥିବା ଜଣାପଡିଛି। ରବିବାର ଜୟପୁର ଲକ୍ଷ୍ମୀନଗର ବାସଭବନରେ ବିଧାୟକ ବାହନୀପତି ଦଳିୟ ଉତ୍ତରୀୟ ଦେଇ ନୂତନ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହାଦ୍ୱାରା ଜୟପୁରରେ କଂଗ୍ରେସ ଆହୁରି ସଶକ୍ତ ହେବ ବୋଲି ବିଧାୟକ ବାହିନୀପତି ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜିଲା କଂଗ୍ରେସ ସଭାପତି ଶଶୀ ଭୂଷଣ ପାତ୍ର, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବ୍ଲକ ସଭାପତି ବସନ୍ତ ନାୟକ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।


କଂଗ୍ରେସରେ ଯୋଗ ଦେଇଥିବା ତୃପ୍ତି ମହାପାତ୍ର।

# ମୁମୂର୍ଷୁ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ି ରହିଛନ୍ତି ବୃଦ୍ଧ

ଦାମନଯୋଡି,୨୮।୪ (ମାନସ ରଞ୍ଜନ କର)

ଅସହାୟ ଓ ମୁମୂର୍ଷୁ ଅବସ୍ଥାରେ ରାସ୍ତା କଡ଼ରେ ଦୀର୍ଘଦିନ ଧରି ଜଣେ ବୃଦ୍ଧ ପଡି ରହିଛନ୍ତି। ଭୋକ ସହ ନ ପାରି ଲୋକଙ୍କୁ ଖାଇବାକୁ ମାଗୁଛନ୍ତି। ମିଳିଲେ ଖାଉଛନ୍ତି ନଚେତ ଉପାସରେ ଶୋଉଛନ୍ତି। ତେବେ ୪/୫ ଦିନ ହେଲା ସେ ପଡିଥିବା ସ୍ଥାନରୁ ଆଉ ଉଠି ପାରୁନାହାଁନ୍ତି। କୋରାପୁଟ ଜିଲା ଦାମନଯୋଡି ଥାନା ଅନ୍ତର୍ଗତ ମାଥାଲପୁଟ ଆମ୍ବତୋଟା ଶନିମନ୍ଦିର ନିକଟ ରାସ୍ତା ପାର୍ଶ୍ୱରେ ଏପରି ଦେଖିବାକୁ ମିଳିଛି। ତାଙ୍କ ଘର ରାୟଗଡା ଜିଲା କେଉଟଗୁଡା ନିକଟସ୍ଥ ଲଛମିପୁର ଅଞ୍ଚଳରେ। ତାଙ୍କ ପରିଚୟ ନାରାୟଣ କାଡ୍ରାକା ବୋଲି ଜଣାପଡିଛି। ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଖବରଦାତା ମାନସ ରଞ୍ଜନ କର ନିବେଦନ କରିଛନ୍ତି।


ରାସ୍ତା ପାର୍ଶ୍ୱରେ ପଡି ରହିଥିବା ନାରାୟଣ।

# ବିନା କାରଣରେ ଆକ୍ରମଣ କରି ହତ୍ୟା ଧମକ

ସୁନାବେଡ଼ା,ସେମିଳିଗୁଡ଼ା,୨୮।୪ କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼

ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ସେମିଳିଗୁଡ଼ା ଗୋପବନ୍ଧୁ ନଗରଠାରେ ଏକାଧିକ ବ୍ୟକ୍ତି ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ସୁନାବେଡ଼ା ଥାନାରେ ଅଭିଯୋଗ ହୋଇଛି । ଗୋପବନ୍ଧୁ ନଗର ଅଞ୍ଚଳର ବିଶ୍ୱଜିତ ରାୟ ନାମକ ଯୁବକ ଶନିବାର ରାତି ୧୧ଟାରେ ସେହି ଅଞ୍ଚଳର ରତ୍ନାକର ଜେନା(୩୪)ଙ୍କୁ କୌଣସି କାରଣରୁ ଆକ୍ରମଣ କରି ତାଙ୍କୁ ଜୀବନରୁ ମାରିଦେବାକୁ ଧମକଚମକ ଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପିଣ୍ଟୁ ଖୁଣ୍ଟିଆ, ରଜତ ସାହୁ, ସୁଶାନ୍ତ ସ୍ୱାଇଁ, ଗଣେଶ ମହାପାତ୍ର, ପିଙ୍କି ନାୟକ ,ରୋଜାଲିନ ବେହେରା ବିଶଜିତ୍‌ଙ୍କୁ ବିରୋଧ କରିଥିଲେ। ବିଶ୍ୱଜିତ୍ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ରତ୍ନାକର ଏ ସମ୍ପର୍କରେ ସୁନାବେଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେସ୍ ନଂ. ୮୪/୨୪ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏଏସ୍‌ଆଇ ରାମଚନ୍ଦ୍ର ପଟ୍ଟନାୟକ ଏହାର ତଦନ୍ତ କରୁଥିବା ସୁନାବେଡ଼ା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ବିଶ୍ୱଜିତ ନିଜକୁ ଜଣେ କାଉନସିଲର୍‌ଙ୍କ ଭାଇ ବୋଲି କହି ଧମକଚମକ ଦେଉଥିବା ଜଣାପଡ଼ିଛି। ସେ ମଧ୍ୟ ସୁନାବେଡ଼ା ଥାନାରେ ଏକ ପାଲଟା ଏତଲା ଦେଇଛନ୍ତି। ଏହାର କେସ୍ ନଂ. ୮୫/୨୪।


N.C.R.B
I.I.F.-I

FIRST INFORMATION REPORT
(Under Section 154 Cr.P.C.)

1. District: KORAPUT P.S.: SUNABEDA Year: 2024
FIR No.: 0084 Date and Time of FIR: 28/04/2024 00:36 hrs
2. S.No. Acts Sections

| S.No. | Acts | Sections |
| --- | --- | --- |
| 1 | IPC 1860 | 341 |
| 2 | IPC 1860 | 294 |
| 3 | IPC 1860 | 323 |
| 4 | IPC 1860 | 506 |
| 5 | IPC 1860 | 354 |
| 6 | IPC 1860 | 427 |

3. (a) Occurrence of offence:
1. Day: Date From: Date To:
Time Period: Time From: Time To:
(b) Information received at P.S.: Date: 28/04/2024 Time: 00:36 hrs
(c) General Diary Reference: Entry No.: 007 Date & Time: 28/04/2024 14:27 hrs
4. Type of Information: Written
5. Place of Occurrence:
1. (a) Direction and distance from P.S.: Beat No.:
(b) Address:
(c) In case, outside the limit of this Police Station, then Name of P.S.: District(State):
6. Complainant / Informant:
(a) Name: Ratnakar Jena
(b) Father's Name: Late kali Charan Jena
(c) Date/Year of Birth: 1990 (d) Nationality: INDIA
(e) UID No.:
(f) Passport No.: Date of Issue:
Place of Issue:
(g) Id details (Ration Card,Voter ID Card,Passport,UID No.,Driving License,PAN)
S.No. Id Type Id Number
(h) Address:

ଥାନାରେ ପ୍ରଥମେ ହୋଇଥିବା ଏତଲା କପି।

# ପୋଲିସ ପକ୍ଷରୁ ଦାମନଯୋଡ଼ିରେ ଫ୍ଲାଗ୍‌ମାର୍ଚ୍ଚ

ଦାମନଯୋଡ଼ି,୨୮।୪ (ମାନସ ରଞ୍ଜନ କର)

ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀଙ୍କ ନେତୃତ୍ୱରେ ପୋଲିସ ଏବଂ ବିଏସ୍‌ଏଫ୍ ଯବାନଙ୍କ ପକ୍ଷରୁ ମିଳିତ ଭାବେ ରବିବାର ଅପରାହ୍ନରେ ଦାମନଯୋଡ଼ି ଓ ପାରିପାର୍ଶ୍ୱିକ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଆସନ୍ତା ମେ' ୧୩ ତାରିଖରେ କୋରାପୁଟ ଜିଲାରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଫ୍ଲାଗମାର୍ଚ୍ଚ କରାଯାଇଛି। ହେବାକୁ ଥିବା ମତଦାନକୁ ଶାନ୍ତିଶୃଙ୍ଖଳା, ଭୟମୁକ୍ତ ଓ ଅପରାଧ ନିୟନ୍ତ୍ରଣ ଲକ୍ଷ୍ୟରେ ଏହା କରାଯାଇଥିବା ଏସଡିପିଓ ଶତପଥୀ କହିଛନ୍ତି। ଦାମନଯୋଡ଼ି ଥାନା ନିକଟରୁ ମୁଖ୍ୟ ରାଜପଥ ଦେଇ ମାଥାଲପୁଟ ମାର୍କେଟ, ବସଷ୍ଟାଣ୍ଡ, ଅଁଳାବାଡି କଲୋନୀ, ଲଛମଣି, ପୁଟ୍ରାଘାଟି, ଲିଟିଗୁଡା, ଡୁମୁରିପଦର ଆଦି ଅଞ୍ଚଳରେ ଏପରି ଫ୍ଲାଗମାର୍ଚ୍ଚ ହୋଇଛି। ଦାମନଯୋଡ଼ି ଥାନା ଅଧିକାରୀ ପ୍ରମିଳା ବିଡିକା, ଏସ୍‌ଆଇ ଦୀପକ ପଣ୍ଡା, ସୁପ୍ରିୟା ପଟ୍ଟନାୟକ, ବିଏସ୍‌ଏଫ୍ ଅଧିକାରୀ ଓ ଯବାନମାନେ ଏଥିରେ ସାମିଲ ହୋଇଥିଲେ।


ପୋଲିସ କକ୍ଷରୁ ହୋଇଥିବା ଫ୍ଲାଗମାର୍ଚ୍ଚ।

